◆ ADVT ◆
ଏଠାରେ ବିଜ୍ଞାପନ
98700 06472 · need24.digital

NEED24 NEWS
हर ख़बर, हर शहर

ନୀଡ 24 ନ୍ୟୁଜ୍

ପ୍ରତ୍ୟେକ ଖବର, ପ୍ରତ୍ୟେକ ସହର

◆ ADVT ◆
ଏଠାରେ ବିଜ୍ଞାପନ
98700 06472 · need24.digital

DIGITAL E-PAPER

PRGI APPLICATION UNDER PROCESS
Application No. T/GJ/2026/0619/2304/1577

GST
GSTIN 24CINPG0564Q1ZT

UDYAM REGISTERED
UDYAM-GJ-14-0003714

◆ DIGITAL NEWS NETWORK ◆
ଭାରତର ବିଶ୍ୱସ୍ତ ବହୁଭାଷୀ ଡିଜିଟାଲ ନ୍ୟୁଜ ନେଟୱର୍କ
11+ Languages | 24×7 Live | e-Paper Daily

ଆମ App ଡାଉନଲୋଡ କରନ୍ତୁ
Download on the App Store
GET IT ON Google Play

www.need24.digital
info@need24.in
+91 98700 06472
FOLLOW US:

तेज़ | सटीक | निष्पक्ष | जनहित में | सच की आवाज़ | जन-जन की आवाज़ | निडर पत्रकारिता

ODISHA | ନୀଡ 24 ନ୍ୟୁଜ୍ · ପ୍ରତ୍ୟେକ ଖବର, ପ୍ରତ୍ୟେକ ସହର | 15 November 2026

ଜୀବନ୍ତ ବଜ୍ରକାପ୍ତା ଚାଲାଣ ବେଳେ ଜଣେ ଗିରଫ, ବନ ବିଭାଗର ଚଢ଼ାଉରେ ଧରାପଡ଼ିଲେ ଅଭିଯୁକ୍ତ



ମାଲକାନଗିରି, ୧୪ ନଭେମ୍ବର: ମାଲକାନଗିରି ଜିଲ୍ଲାରେ ବନ୍ୟପ୍ରାଣୀ ଚାଲାଣ ରୋକିବା ଦିଗରେ ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ଜୀବନ୍ତ ବଜ୍ରକାପ୍ତା ଚାଲାଣ କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ମାଲକାନଗିରି ବନ ବିଭାଗ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୩ ତାରିଖ ରାତି ପ୍ରାୟ ୧୦ଟା ସମୟରେ ମାଲକାନଗିରି ରେଞ୍ଜର ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ କୋଇଲିପାରି ଗ୍ରାମ ନିକଟସ୍ଥ ରାଜ୍ୟ ରାଜପଥରେ ଏକ ମୋଟରସାଇକେଲରେ ଜୀବନ୍ତ ବଜ୍ରକାପ୍ତା ନେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଦେଖିଥିଲେ। ବନ କର୍ମଚାରୀଙ୍କୁ ଦେଖି ସେ ଖସି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ।

ଗିରଫ ବ୍ୟକ୍ତି ଜଣକ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ପାପୁଲୁର ପଞ୍ଚାୟତର ଦୁଲାମଣ୍ଡି ଗ୍ରାମର ଗଙ୍ଗାୟା କାକରଙ୍କ ପୁଅ ପେଣ୍ଡାୟା କାକର (୩୯) ବୋଲି ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ର ବିଭିନ୍ନ ଧାରା ଉଲ୍ଲଂଘନ କରିଥିବା ଜଣାପଡ଼ିଛି। ଏନେଇ ଧାରା ୫୧ ଅନୁଯାୟୀ ମାମଲା ରୁଜୁ କରାଯାଇ ତାଙ୍କୁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ପରେ ତାଙ୍କୁ ନ୍ୟାୟିକ ହାଜତକୁ ପଠାଇବା ପାଇଁ ଆଇନଗତ ପଦକ୍ଷେପ ନିଆଯାଇଛି।

ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ମାଲକାନଗିରି ଡିଭିଜନାଲ ଫରେଷ୍ଟ ଅଫିସରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ନୋଟ୍‌ରେ ଏହି ସୂଚନା ଦିଆଯାଇଛି।

— Sukumar Mandal

CRIME

ସଡକ ଦୁର୍ଘଟଣା ରେ ଦୁଇ ମୃତ ଜଣେ ଗୁରୁତର !



ସଡକ ଦୁର୍ଘଟଣା ରେ ଦୁଇ ମୃତ ଜଣେ ଗୁରୁତର ! ସୂଚନା ଅନୁସାରେ ଆଜି ଦିନ ପ୍ରାୟ 11ଟା ସମୟରେ ଭଣ୍ଡାର୍ଜୁରୀ ନିକଟସ୍ଥ ଗଣ୍ଡପଡା ଗ୍ରାମ ର ଶିବପ୍ରକାଶ ନାଏକ (ବୟସ 19), ଜୟପ୍ରକାଶ ନାଏକ, ଅର୍ଜୁନ ସାହୁ ତିନିଜଣ ଝାରବନ୍ଧ କୁ କ୍ରିକେଟ ବଳ କିଣିବାକୁ ଆସିଥିଲେ. ଫେରିବା ସମୟ ରେ ବଣ୍ଡାମୁଣ୍ଡ ଓ ହାର୍ଡ଼ାଟାଲ ମଝିରେ ଛବିଳ ବରିହା (ବୟସ 26)ସାଇକେଲ ରେ କାଠ ଲୋଡ କରିବା ସମୟ ରେ ଦ୍ରୁତ ଗତି ରେ ଆସୁ ଥିବା ଉପରୋକ୍ତ ତନଜଣ ଭାରସମ୍ୟ ହରାଇ ସାଇକେଲ ସହିତ ମାଡ଼ହୋଇ ଛିଟିକି ପଡି ଏକ ଗଛରେ ବାଡେଇ ହୋଇଥିଲେ. ଯାହାଫଳରେ ଘଟଣା ସ୍ଥଳରେ ଶିବପ୍ରକାଶ ନାଏକ ଏବଂ କାଠୁରିଆ ଛବିଳ ବରିହା ଙ୍କ ମୃତ୍ୟୁ ହୋଇଥିଲା ଓ ଅନ୍ୟଜଣେ ଅର୍ଜୁନ ସାହୁ ଗୁରୁତର ହୋଇ ତାଙ୍କୁ ପ୍ରଥମେ ଡଭା ସ୍ୱାସ୍ଥକେନ୍ଦ୍ର ରେ ଭର୍ତି କରିଥିଲେ ଅବସ୍ଥା ସଙ୍କଟପୂର୍ଣ୍ଣ ହେବା ଯୋଗୁ ତାଙ୍କୁ ପଦ୍ମପୁର ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି. ଶିବପ୍ରକାଶ ଓ ଜୟପ୍ରକାଶ ଦୁଇ ଭାଇ ଅଟନ୍ତି ଓ ତାଙ୍କର ବାପା ମାଆ ବାହାରକୁ କାମ କରିବାକୁ ଯାଇଛନ୍ତି. ଖବର ପାଇ ଝାରବନ୍ଧ ଅଗ୍ନିବିଭାଗ ର L, F, F ଜୟଦେବ ପଟେଲ, ଗିରିଧନ ଡନସନା,ଦୁଃଖିରାମ ପ୍ରଧାନ, ଶ୍ରୀପତି ପ୍ରଧାନ, ପବନ ଶବର, ଛବିନ୍ଦ୍ର ସାହୁ ସମେତ ଝାରବନ୍ଧ ଥାନା IIC ସମେତ ପୋଲିସ ଷ୍ଟାପ ଘଟଣା ସ୍ଥଳ କୁ ଯାଇ ମୃତ ଦୁଇଜଣଙ୍କୁ ଓ ଆହତ ଜୟପ୍ରକାଶ କୁ ଝାରବନ୍ଧ ଚିକିତ୍ସାଳୟ କୁ ଆଣିଥିଲେ. ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ତାଙ୍କୁ ସବବିବେଚ୍ଛେଦ ପାଇଁ ପଦ୍ମପୁର ଡାକ୍ତର ଖାନା କୁ ନିଅଯାଇଛି.

— UDDIPTA PRADHAN

CRIME

ସଡକ ଦୁର୍ଘଟଣା ରେ ଦୁଇ ମୃତ୍ୟୁ ଜଣେ ଗୁରୁତର !



ସଡକ ଦୁର୍ଘଟଣା ରେ ଦୁଇ ମୃତ୍ୟୁ ଜଣେ ଗୁରୁତର ! ସୂଚନା ଅନୁସାରେ ଆଜି ଦିନ ପ୍ରାୟ 11ଟା ସମୟରେ ଭଣ୍ଡାର୍ଜୁରୀ ନିକଟସ୍ଥ ଗଣ୍ଡପଡା ଗ୍ରାମ ର ଶିବପ୍ରକାଶ ନାଏକ (ବୟସ 19), ଜୟପ୍ରକାଶ ନାଏକ, ଅର୍ଜୁନ ସାହୁ ତିନିଜଣ ଝାରବନ୍ଧ କୁ କ୍ରିକେଟ ବଳ କିଣିବାକୁ ଆସିଥିଲେ. ଫେରିବା ସମୟ ରେ ବଣ୍ଡାମୁଣ୍ଡ ଓ ହାର୍ଡ଼ାଟାଲ ମଝିରେ ଛବିଳ ବରିହା (ବୟସ 26)ସାଇକେଲ ରେ କାଠ ଲୋଡ କରିବା ସମୟ ରେ ଦ୍ରୁତ ଗତି ରେ ଆସୁ ଥିବା ଉପରୋକ୍ତ ତନଜଣ ଭାରସମ୍ୟ ହରାଇ ସାଇକେଲ ସହିତ ମାଡ଼ହୋଇ ଚିଟିକି ପଡି ଏକ ଗଛରେ ବାଡେଇ ହୋଇଥିଲେ. ଯାହାଫଳରେ ଘଟଣା ସ୍ଥଳରେ ଶିବପ୍ରକାଶ ନାଏକ ଏବଂ କାଠୁରିଆ ଛବିଳ ବରିହା ଙ୍କ ମୃତ୍ୟୁ ହୋଇଥିଲା ଓ ଅନ୍ୟଜଣେ ଅର୍ଜୁନ ସାହୁ ଗୁରୁତର ହୋଇ ତାଙ୍କୁ ପ୍ରଥମେ ଡଭା ସ୍ୱାସ୍ଥକେନ୍ଦ୍ର ରେ ଭର୍ତି କରିଥିଲେ ଅବସ୍ଥା ସଙ୍କଟପୂର୍ଣ୍ଣ ହେବା ଯୋଗୁ ତାଙ୍କୁ ପଦ୍ମପୁର ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି. ଶିବପ୍ରକାଶ ଓ ଜୟପ୍ରକାଶ ଦୁଇ ଭାଇ ଅଟନ୍ତି ଓ ତାଙ୍କର ବାପା ମାଆ ବାହାରକୁ କାମ କରିବାକୁ ଯାଇଛନ୍ତି. ଖବର ପାଇ ଝାରବନ୍ଧ ଅଗ୍ନିବିଭାଗ ର L, F, F ଜୟଦେବ ପଟେଲ, ଗିରିଧନ ଡନସନା,ଦୁଃଖିରାମ ପ୍ରଧାନ, ଶ୍ରୀପତି ପ୍ରଧାନ, ପବନ ଶବର, ଛବିନ୍ଦ୍ର ସାହୁ ସମେତ ଝାରବନ୍ଧ ଥାନା IIC ସମେତ ପୋଲିସ ଷ୍ଟାପ ଘଟଣା ସ୍ଥଳ କୁ ଯାଇ ମୃତ ଦୁଇଜଣଙ୍କୁ ଓ ଆହତ ଜୟପ୍ରକାଶ କୁ ଝାରବନ୍ଧ ଚିକିତ୍ସାଳୟ କୁ ଆଣିଥିଲେ. ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ତାଙ୍କୁ ସବବିବେଚ୍ଛେଦ ପାଇଁ ପଦ୍ମପୁର ଡାକ୍ତର ଖାନା କୁ ନିଅଯାଇଛି.

— UDDIPTA PRADHAN

ସଦେରୀ ଓ କୁଟୁଗୁଡ଼ା ଜଙ୍ଗଲରେ ପୋଲିସର ଚଢ଼ାଉ: ୧୧ ଏକର ଜମିରୁ ୧୧ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ



ମାଲକାନଗିରି, ୧୪ ନଭେମ୍ବର: ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ କାଲିମେଳା ପୋଲିସର ଆଉ ଏକ ବଡ଼ ପଦକ୍ଷେପ। ବେଆଇନ ଗଞ୍ଜେଇ ଚାଷ ବିରୋଧରେ ଅଭିଯାନକୁ ଜୋରଦାର କରି କାଲିମେଳା ଥାନା ପୋଲିସ ପକ୍ଷରୁ ସଦେରୀ ଓ କୁଟୁଗୁଡ଼ା ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରାଯାଇଛି।

ଏହି ଚଢ଼ାଉ ସମୟରେ ପ୍ରାୟ ୧୧ ଏକର ଜଙ୍ଗଲ ଜମିରେ ବେଆଇନ ଭାବେ ଚାଷ କରାଯାଇଥିବା ୧୧ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ଠାବ କରାଯାଇଥିଲା। ପରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଗଛକୁ କାଟିବା ସହ ନିଆଁ ଲଗାଇ ନଷ୍ଟ କରାଯାଇଥିଲା।

ଏହି ଘଟଣାକୁ ନେଇ କାଲିମେଳା ଥାନାରେ କେସ୍ ନଂ ୨୯୪/୨୬ ଓ ୨୯୫/୨୬ ଅନୁଯାୟୀ ଦୁଇଟି ମାମଲା ରୁଜୁ ହୋଇଛି। ଏନ୍‌ଡିପିଏସ୍ ଆଇନର ଧାରା ୨୦(ଏ)(ଆଇ) ଅନୁସାରେ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ବେଆଇନ ଗଞ୍ଜେଇ ଚାଷରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କାଲିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ନିଶା କାରବାର ଓ ବେଆଇନ ଗଞ୍ଜେଇ ଚାଷକୁ ମୂଳପୋଛ କରିବା ଲକ୍ଷ୍ୟରେ କାଲିମେଳା ପୋଲିସର ଏହି ନିରନ୍ତର ଅଭିଯାନ ଅଞ୍ଚଳରେ ନିଶା ବିରୋଧୀ ଲଢ଼େଇକୁ ଆହୁରି ମଜଭୁତ କରିବା ସହ ଏକ କଡ଼ା ବାର୍ତ୍ତା ଦେଇଛି।

— Sukumar Mandal

> ଆଜିର ନୂଆଁ ଖବର - ଓଡ଼ିଶା



ଆଜିର ନୂଆଁ ଖବର - ଓଡ଼ିଶା - 14 ନଭେମ୍ବର 2026, ଶନିବାର

NEED24 NEWS | ଓଡ଼ିଶା

1. ବାତ୍ୟା ଅକ୍ଟାନ୍ - ସବୁଠୁ ବଡ଼ ଖବର ⚠

ବଙ୍ଗୋପସାଗରରେ ଲଘୁଚାପ ଆହୁରି ଘନୀଭୂତ ହେଉଛି। 16 ନଭେମ୍ବର ସନ୍ଧ୍ୟାରେ ବାତ୍ୟା *ଅକ୍ଟାନ୍* ହେବା 18-20 ତାରିଖରେ ଓଡ଼ିଶାରେ ପ୍ରବଳ ବର୍ଷା ହେବା ଗଞ୍ଜାମ, ଗଜପତି, ପୁରୀରେ ଅରେଞ୍ଜ ୱାର୍ଣ୍ଣିଂ। ମତ୍ସ୍ୟଜୀବୀଙ୍କୁ 17-18ରେ ସମୁଦ୍ରକୁ ନ ଯିବାକୁ ମନା।

2. ବଲାଙ୍ଗୀରରେ ଆଜି 4 ଲକ୍ଷ ଘର

ଆଜି ବଲାଙ୍ଗୀର ପଥରଚେପା ପଡ଼ିଆରେ ବଡ଼ କାର୍ଯ୍ୟକ୍ରମ। କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ 4 ଲକ୍ଷ PMAY ଘର ବାଣ୍ଟିବେ। ପରେ ହୀରାପୁର ଚଉଷଠି ଯୋଗିନୀ ମନ୍ଦିର ଯିବେ।

3. କନ୍ଧମାଳରେ ଏନ୍କାଉଣ୍ଟର - 4 ମାଓବାଦୀ ନିପାତ

କନ୍ଧମାଳ ସିର୍ଲା ଜଙ୍ଗଲରେ ଆଜି ସକାଳେ ପୋଲିସ-ମାଓବାଦୀ ଗୁଳି ବିନିମୟରେ 4 ମାଓବାଦୀ ନିପାତ। ବହୁତ ଅସ୍ତ୍ରଶସ୍ତ୍ର ଜବତ।

4. ଛଠ ମହାପର୍ବ - ଆଜି ଖରନା

> शाकिर नुटाँ बचव - उड़ीसा



शाकिर नुटाँ बचव - उड़ीसा - 14 दिसंबर 2026, संवाददाता

NEED24 NEWS | उड़ीसा

1. शाकिर बचव नुटाँ - 14.2 डिग्री शाकि बचव, आसपास उड़ीसा अखा रामपुर वलांसरा, पुरी-पुरी, पुरी-पुरी ७ रंक्षाव दिसंबर अवधान वेदिनपुर पुरीसाकिसी.

2. शाकि बचव नुटाँ बचव - बेवेवपुर 27 नवंबरपुर 17 डिवसपर अवँ बचवपुरा अवँ जान वाँ 104 संपर्क / वित्त संबा रंक्षा बेव वाँ वर्ष शाधुसंबा संभव शाबपुर संपर्क संवाद पुरीसाकिसी.

*3. संबंधसंबर पवपुरा, पुरवंनपुर वपुर वर्षाव 4 वेवाँसव-साउवाना वुँस वैवपसंबर 4 साउवाना विवाद वपुर शुसंवी वनव.

4. रंक वाकवर्ष - शाकि बचव

आवा उड़ीसाव शाकि बचव्या, बचवपुरा, वावववनसा, पुरवंनपुर वपुर वर्षाव वेवा पुरा शाकि वाँव पश्चिम बाव 36 वर्ष विनंसा पुर शाबपुर वर्तनव.

5. वावपुरव वपुर पुर्वसी

वावपुर वपुरवंसाव वंद्रीसवपुर पुरा अवाबपुरा 55 वेपंसाधुपँ वपुर ठिया संघ वंघ अधी शबवपुर शाबपुरा.

6. धुपवसंद्रीवव वसंवर्

8 वर्ष वंवव धुपवसंद्रीव वसँपर शंकाधुरावव वर्षाव - वेवपुरा, पुरवंनपुर वंवव वर्ष बचवा. *शधुसंपर्* संघवा 18-20 वाशिवव उड़ीसाव पुरम वर्षा संघवा वाँपर्ष,

ଜୟ ମା ନବଦୁର୍ଗା ଦଣ୍ଡ ନୃତ୍ୟ ପାର୍ଟି ଝାରବନ୍ଧ, କୋତନାରେ ଆୟୋଜିତ



ଝାରବନ୍ଧ, କୋତନା ଗ୍ରାମରେ ଶୁଭ ଉତ୍ସବ ଅବସରରେ ଜୟ ମା ନବଦୁର୍ଗା ଦଣ୍ଡ ନୃତ୍ୟ ପାର୍ଟି ଆୟୋଜିତ ହୋଇ, ଗ୍ରାମବାସୀ ବୃନ୍ଦଙ୍କୁ ଏହି ପାରମ୍ପରିକ କଳା ପ୍ରଦର୍ଶନ ପାଇଁ ଉତ୍ସାହିତ କରାଗଲା।

ପାର୍ଟିରେ ଦଣ୍ଡ ନୃତ୍ୟର ଜଟିଳ ଚଳନ, ତାଳ ଏବଂ ରଙ୍ଗିନ ପୋଷାକ ଦେଖି ଉପସ୍ଥିତ ଲୋକମାନେ ଆନନ୍ଦିତ ହେଲେ। ନୃତ୍ୟଶିଳ୍ପୀମାନେ ପାରମ୍ପରିକ ଧୁନରେ ତାଙ୍କର କୌଶଳ ପ୍ରଦର୍ଶନ କରି, ଦଣ୍ଡ ଉପରେ ସମତୁଳ୍ୟ ଭାବେ ଚାଲି ଦର୍ଶକଙ୍କୁ ମନୋରଞ୍ଜନ ଦେଲେ।

ଗ୍ରାମବାସୀମାନେ ପ୍ରଦର୍ଶନ ପରେ ତାଲି ଏବଂ ଉତ୍ସାହ ଜଣାଇ, ଏହି ପ୍ରଚଳିତ କଳା ରୂପର ଜୀବନ୍ତତା ଓ ସଂସ୍କୃତିକ ମୂଲ୍ୟକୁ ପୁନଃ ସ୍ମରଣ କରିଲେ। କିଛି ବୃନ୍ଦ ସଦସ୍ୟ ଏହି ଦଣ୍ଡ ନୃତ୍ୟକୁ ଭବିଷ୍ୟତରେ ଅଧିକ ଉତ୍ସବରେ ଆୟୋଜନ କରିବାର ପ୍ରସ୍ତାବ ରଖିଲେ।

ଏହି ପାର୍ଟି ଗ୍ରାମର ସାମାଜିକ ସମ୍ପର୍କ ଓ ସଂସ୍କୃତିକ ଏକତାକୁ ବଳବତ୍ କରି, ଜୟ ମା ନବଦୁର୍ଗାଙ୍କ ଆଶୀର୍ବାଦ ତଳେ ଏକ ଶୁଭ ଆରମ୍ଭ ଭାବେ ଚିହ୍ନିତ ହୋଇଛି।

ଜୟ ମା ନବଦୁର୍ଗା ଦଣ୍ଡ ନୃତ୍ୟ ପାର୍ଟି ଗୋଠୁଗୁଡ଼ା

ମ୍ୟାନେଜର-ନୂଆଁଧର ପଟେଲ, ବ୍ୟବସ୍ଥାପକ-ଡ଼-ମାନସ ରଞ୍ଜନ ପ୍ରଧାନ

— UDDIPTA PRADHAN

CRIME

ପାଇକମାଲରେ କଫ ସିରପ ବ୍ୟବସାୟୀଙ୍କୁ ପୋଲିସ ଧରିଲେ



ପାଇକମାଲରେ ବିନ୍ଧ୍ୟାବସିନୀ କଲେଜ୍ ପଡ଼ିଆ ପଛରେ ପୋଲିସ ତଦନ୍ତ କାର୍ଯ୍ୟକ୍ରମ ଚାଲିବା ସମୟରେ ଦୁଇଜଣ କଫ ସିରପ ବିକ୍ରେତା – ଆଶିଷ ନାୟକ ଓ କାନ୍ନେଇ ବାଘ – କୁ ଗିରଫ କରିଲେ।

ଏହି ତଦନ୍ତରେ ୧୬ ବୋତଲ WIN CEREX କଫ୍ ସିରପ୍, ୫ ଲିଟର ମଦକ ଦ୍ରବ୍ୟ, ୩ଟି ଖୋଲା କଫ ସିରପ୍ ବୋତଲ, ୨ଟି ମୋବାଇଲ୍ ଫୋନ୍, ୬,୭୦୦ ଟଙ୍କା ଏବଂ ଏକ ସୁଜୁକି ଜୀକ୍ସର୍ ମୋଟରସାଇକେଲ୍ ଜବତ ହୋଇଛି।

ଗିରଫିତ ଆଶିଷ ନାୟକଙ୍କ ପୂର୍ବରୁ ତିନିଟି ମଦକ ବିକ୍ରୟ ସମ୍ବନ୍ଧୀୟ ମାମଲା ରହିଛି। ଦୁଇଜଣଙ୍କୁ ତୁରନ୍ତ ଅଦାଲତରେ ପ୍ରସ୍ତୁତ କରାଯାଇ, ମାମଲା ପାଇକମାଲ ପୋଲିସ ଷ୍ଟେସନରେ ରେଜିଷ୍ଟର୍ ହୋଇଛି। ତଦନ୍ତ ଚାଲିଛି, ଅଧିକ ତଥ୍ୟ ଆଗାମୀ ଦିନରେ ଜାରି ହେବ।

— UDDIPTA PRADHAN

ଯୋଜନାରେ ଜାତୀୟ ସହାୟତା କାର୍ଯ୍ୟକ୍ରମ l



କଳାହାଣ୍ଡି :-କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ର ନୂତନ ପେନସନ ଭୋଗୀମାନଙ୍କ ପାଇଁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା l ଏହି କାର୍ଯ୍ୟକ୍ରମରେ ୨୧୬ଜଣଙ୍କୁ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଗଲା l ଜୁନାଗଡ଼ ବ୍ଲକର ବିଭିନ୍ନ ପଂଚାୟତରେ ମୋଟ ୨୧୯୨ ଜଣ ନୂତନ ଯୋଗ୍ୟ ହିତାଧିକାରୀ ଙ୍କୁ ଭତ୍ତା ପ୍ରଦାନ କରାଯିବ l

ଏହି କାର୍ଯ୍ୟକ୍ରମକୁ ସରକାରୀ ସ୍ୱଚ୍ଛତା ଓ ନିୟମ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ବ୍ଲକର ୪ଟି ପଞ୍ଚାୟତ ଯଥା -ଭଇଁରୀଗୁଡା, ବଳଦିଆମାଳ, ଚିଙ୍ଗୁଡ଼ିସର ଓ ମେରିଆବନ୍ଦଲି ପଂଚାୟତରେ ସ୍ୱତନ୍ତ୍ର ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି l ଆସନ୍ତା ନଭେମ୍ବର ୨୫ତାରିଖ ସୁଦ୍ଧା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ ଜିରୋ -ସ୍ତରୀୟ ପେନସନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି l

ସମାଜର ବରିଷ୍ଠ ନାଗରିକ ତଥା ଯୋଗ୍ୟ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କ ଜୀବନକୁ ଅଧିକ ସୁରକ୍ଷିତ ଓ ସ୍ୱାବଲମ୍ବୀ କରିବା ଏହି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସାଶକ୍ତିକରଣ ଯୋଜନାର ମୂଳ ଉଦ୍ଦେଶ୍ୟ l ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ସରକାରଙ୍କ ଲକ୍ଷ୍ୟ l

ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସାଂସଦ ପ୍ରତିନିଧି ମୁକେଶ ଅଗ୍ରୱାଲ, ବ୍ଲକ ଚେୟାରମ୍ୟାନ ତଥା ବିଭିନ୍ନ ପ୍ରତିନିଧି, ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀ ବୃନ୍ଦ ଏବଂ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ l

— Dulendra Kumar Meher

BREAKING NEWS - NEED24 NEWS
__ଝାରସୁଗୁଡା - 13 ନଭେମ୍ବର 2026__



BREAKING NEWS - NEED24 NEWS

__ଝାରସୁଗୁଡା - 13 ନଭେମ୍ବର 2026__

1. ବଡ ଦୁର୍ଘଟଣା - ଝାରସୁଗୁଡାର କନଷ୍ଟେବଳ ଶହୀଦ୍

ଭଦ୍ରକ ବାସୁଦେବପୁରରେ ଲୁହା ବୋଝେଇ ଟ୍ରକ୍ ପୋଲିସ୍ ଭ୍ୟାନ୍ କୁ ଧକ୍କା ଦେଲା। ଝାରସୁଗୁଡାର କନଷ୍ଟେବଳ ହିମାଂଶୁ ରାୟ ଓ ସୁନ୍ଦରଗଡ଼ର ଅଜୟ ବାଗ୍ ଙ୍କ ମୃତ୍ୟୁ। 2 ଜଣ ଗୁରୁତର। 5f0b

2. ଝାରସୁଗୁଡାରେ ମହିଳା ଓ ପରିବାରଙ୍କୁ ମାଡ଼

ପୁରୁଣା ଶତ୍ରୁତାକୁ ନେଇ ମହିଳା ଓ ତାଙ୍କ ପରିବାରଙ୍କୁ ଆକ୍ରମଣ, ଥାନାରେ ମାମଲା ରୁଜୁ। ପୋଲିସ୍ ତଦନ୍ତ ଜାରି। fcef

3. 104 ଟ୍ରେନ୍ ପ୍ରଭାବିତ ହେବ

27 ନଭେମ୍ବର ରୁ 17 ଡିସେମ୍ବର ଯାଏଁ ଝାରସୁଗୁଡା ୟାର୍ଡ କାମ ପାଇଁ 104 ଟ୍ରେନ୍ ବାତିଲ୍ / ପରିବର୍ତ୍ତନ ହେବ। ଯାତ୍ରା ଆଗରୁ IRCTC ଦେଖି ନିଅନ୍ତୁ। fcef

4. ଛଠ୍ ପୂଜା ପାଇଁ ବଡ ବୈଠକ

DMF ହଲ୍ ରେ ଜିଲ୍ଲାପାଳ କୁନାଲ ମୋତିରାମ ଚଭାନ୍ ଙ୍କ ଅଧ୍ୟକ୍ଷତାରେ ବୈଠକ। ଘାଟ ସଫା, ପାଣି, ଆଲୁଅ, ପୋଲିସ୍ ବ୍ୟବସ୍ଥା। 5c7c

_NEED24 NEWS_Jharsuguda- Odisha

— Gajindra Munda

JHARSUGUDA -ODISHA



__ଆଜିର ଝାରସୁଗୁଡା ଖବର - NEED24 NEWS__

__୧୩ ନଭେମ୍ବର ୨୦୨୬, ଶୁକ୍ରବାର__

1. ଛଠ୍ ପୂଜା ପାଇଁ ବଡ ବୈଠକ

ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ DMF ହଲ୍ ରେ ଜିଲ୍ଲାପାଳ କୁନାଲ ମୋତିରାମ ଚଭାନ୍ ଙ୍କ ଅଧ୍ୟକ୍ଷତାରେ ବୈଠକ। ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ। ଛଠ୍ ଘାଟ ସଫା, ପାଣି, ଆଲୁଅ, ପୋଲିସ୍ ବ୍ୟବସ୍ଥା ଉପରେ ଆଲୋଚନା।

2. 5180 ଜଣଙ୍କୁ ମଧୁବାବୁ ପେନସନ୍

ଗତକାଲି ବେହେରାମାଲ MCL ଅଡିଟୋରିୟମରେ ମନ୍ତ୍ରୀ ସୁରେଶ ପୂଜାରୀ Unified Pension Portal ଉଦ୍ଘାଟନ କଲେ। ଝାରସୁଗୁଡା ଜିଲ୍ଲାରେ 5180 ନୂଆ ହିତାଧିକାରୀ ଯୋଡ଼ି ହେଲେ। ମଞ୍ଚ ଉପରେ 1063 ଜଣଙ୍କୁ ଭତ୍ତା ବଣ୍ଟନ। ବ୍ରଜରାଜନଗରରେ ଆଉ 1310 ଜଣଙ୍କୁ ଭତ୍ତା + 14ଟି PM ଆବାସ କାର୍ଯ୍ୟାଦେଶ।

3. ବେଦାନ୍ତର ବିଦ୍ୟା ପ୍ରକଳ୍ପ

ଝାରସୁଗୁଡା ଓ ସୁନ୍ଦରଗଡ଼ର 1185 ଛାତ୍ରଛାତ୍ରୀଙ୍କୁ ପାଠ୍ୟ ବହି ବଣ୍ଟନ। ହେମଗିର, ଲଖନପୁର ବ୍ଲକର 7ଟି ସରକାରୀ ସ୍କୁଲର 551 ପିଲା ଲାଭବାନ।

4. ରେଲ୍ ଫିଟିଂ ଚୋରି - ତଦନ୍ତ ଜାରି

ଧୁତ୍ରା - ବାଗଡିହି ମଧ୍ୟରେ ହାୱଡା-ମୁମ୍ବାଇ ଲାଇନରେ 1 କିମିରୁ 157ଟି ପାଣ୍ଡ୍ରୋଲ୍ କ୍ଲିପ୍ ଓ ଫିସ୍ ପ୍ଲେଟ୍ ଚୋରି ଘଟଣାରେ RPF ତଦନ୍ତ କରୁଛି।

5. ପାଣିପାଗ - ଝାରସୁଗୁଡା

ଗତକାଲି ସର୍ବନିମ୍ନ ତାପମାତ୍ରା 14.2°C - ରାଜ୍ୟରେ ସବୁଠାରୁ ଥଣ୍ଡା। ଆଜି ଶୁଖିଲା ପାଗ, ବର୍ଷା ନାହିଁ। ଆଗାମୀ 7 ଦିନ ଶୁଖିଲା ରହିବା ସକାଳେ କୁହୁଡ଼ି ହୋଇପାରେ।

: NEED24 NEWS

_ ଝାରସୁଗୁଡା (ଓଡିଶା)_

— Gajindra Munda

ବାଇପାସ ରାସ୍ତା ନିର୍ମାଣ ନ ହେଲେ ସଂଘର୍ଷ ସମିତି ପକ୍ଷରୁ ଅନିର୍ଦ୍ଧିଷ୍ଟକାଳ ଧାରଣା ପାଇଁ ଚେତାବନୀ l



ବାଇପାସ ରାସ୍ତା ନିର୍ମାଣ ନହେଲେ ସଂଘର୍ଷ ସମିତି ପକ୍ଷରୁ ଅନିର୍ଦ୍ଧିଷ୍ଟକାଳ ଧାରଣା ପାଇଁ ଚେତାବନୀ l

ସହରର ସଂଘର୍ଷ ସମିତି ପକ୍ଷରୁ ଦୀର୍ଘଦିନ ଧରି କରିଆସୁଥିବା ବାଇପାସ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବହେତୁ ସହର ମଧ୍ୟରେ ଟ୍ରାଫିକ ସମସ୍ୟା, ଦୁର୍ଘଟଣାର ଆଶଙ୍କା, ଯାତାୟାତ ସମସ୍ୟା ଆଦି ବହୁଳଭାବେ ଦେଖାଦେଉଛି l ଏହି ସମସ୍ୟାର ସମାଧାନ ପାଇଁ ସଂଘର୍ଷ ସଂଗ୍ରାମ ପକ୍ଷରୁ ଜୁନାଗଡ଼ର ନୂତନ ବସଷ୍ଟାଣ୍ଡ ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା l ଉକ୍ତ ସଭାରେ ବୁଦ୍ଧିଜୀବୀ, ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ ତଥା ଜନସାଧାରଣ ଉପସ୍ଥିତ ରହି ବାଇପାସ ରାସ୍ତାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା l ବାଇପାସ ରାସ୍ତାଶୀଘ୍ର ନିର୍ମାଣ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା l ଜୁନାଗଡ଼ ସହର କଳାହାଣ୍ଡି ଜିଲ୍ଲାର ଏକ ପ୍ରମୁଖ ସହର l ଏଠାରେ ଦୈନନ୍ଦିନ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏବଂ ବ୍ୟବସାୟୀ ଆସନ୍ତି, ଏହା ଏକ ବାଣିଜ୍ୟକ ଓ ଜନଗହଳିପୂର୍ଣ୍ଣ ସହର ଯୋଗୁଁ ସାଧାରଣ ଲୋକେ, ଛାତ୍ରଛାତ୍ରୀ, ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି l ସମିତିପକ୍ଷରୁ ଏହା ପୂର୍ବରୁ ବାଇପାସ ନିର୍ମାଣପାଇଁ ସର୍ଭେ, ଡିପିଆର ପ୍ରସ୍ତୁତି ଏବଂ ଜାତୀୟରାଜପଥ ବିଭାଗ ସହ ଆଲୋଚନା ମଧ୍ୟ ହୋଇଥିଲା l ସରକାର ଉକ୍ତ ପ୍ରକଳ୍ପକାର୍ଯ୍ୟର ନିଷ୍ପତ୍ତି ଶୀଘ୍ର ଅନୁମୋଦନ କରି କାର୍ଯ୍ୟ ଆରମ୍ଭ କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି l ଦାବି ପୂରଣ ନ ହେଲେ ଆଗାମୀଦିନରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଆନ୍ଦୋଳନକୁ ତୀବ୍ର ରୁ ତୀବ୍ରତର କରିବାକୁ ସମିତିପକ୍ଷରୁ ଚେତାବନୀ ଦିଆଯାଇଛି l ରାଜ୍ୟସରକାର ଉକ୍ତ ଦାବିକୁ ଗୁରୁତ୍ୱ ଦେଇ ଶୀଘ୍ର କାର୍ଯ୍ୟକାରୀ କରାଗଲେ ସହର ତଥା ଅଞ୍ଚଳବାସୀ ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି l

— Dulendra Kumar Meher

ଜାତୀୟ ପ୍ରେସ୍ ଦିବସ ଅବସରରେ ତର୍କ ପ୍ରତିଯୋଗିତା, ସାମ୍ବାଦିକତାର କର୍ତ୍ତବ୍ୟବୋଧ ଓ ଆତ୍ମନିୟନ୍ତ୍ରଣ ଉପରେ ଛାତ୍ରଛାତ୍ରୀଙ୍କ ମତାମତ



ମାଲକାନଗିରି, ୧୨ ନଭେମ୍ବର : ଜାତୀୟ ପ୍ରେସ୍ ଦିବସ-୨୦୨୬ ପାଳନ ଅବସରରେ ମାଲକାନଗିରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମାଲକାନଗିରି ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍‌ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଇ.ଏମ୍.ଏସ୍.ଟି. ସ୍କୁଲ ପରିସରରେ ହାଇସ୍କୁଲ ଓ କଲେଜ ସ୍ତରୀୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ତର୍କ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି।

ପ୍ରତିଯୋଗିତାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଛାତ୍ରଛାତ୍ରୀମାନେ ନିଜ ନିଜର ଯୁକ୍ତି ଓ ମତାମତ ଉପସ୍ଥାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଏବଂ ମାଲକାନଗିରି ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍ ପକ୍ଷରୁ 'ସରକାରୀ ନିୟନ୍ତ୍ରଣ ଅପେକ୍ଷା ଗଣମାଧ୍ୟମର ଆତ୍ମନିୟନ୍ତ୍ରଣ ଅଧିକ ପ୍ରଭାବଶାଳୀ' ବିଷୟ ରଖାଯାଇଥିଲା।

ଏହି ପ୍ରତିଯୋଗିତାରେ ବିଚାରକ ଭାବେ ମାଲକାନଗିରି ମହାବିଦ୍ୟାଳୟର ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ, ରାଜସ୍ୱ ବିଭାଗର କର୍ମଚାରୀ ସରୋଜ ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ଶିକ୍ଷକ ଶିବୁ କୀର୍ତ୍ତନୀୟା ଯୋଗଦେଇ ପ୍ରତିଯୋଗୀମାନଙ୍କର ଯୁକ୍ତି ଓ ଉପସ୍ଥାପନାର ମୂଲ୍ୟାଙ୍କନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୋଜେକ୍ସନିଷ୍ଟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

ଏହି ଅବସରରେ ମାଲକାନଗିରି ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟସ୍‌ର ସଭାପତି ଦେବ ପ୍ରସାଦ ଦାଶ ଏବଂ ସଦସ୍ୟ କୃଷ୍ଣପଦ ରାୟ ଉପସ୍ଥିତ ରହି ପ୍ରତିଯୋଗୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ଆସନ୍ତା ନଭେମ୍ବର ୧୬ ତାରିଖରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହରେ ଏହି ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

— Sukumar Mandal

ପୋଲିସର ଚଢ଼ଉ: ୧୦ ଏକର ଜମିରୁ ୧୦ ହଜାର ଗଞ୍ଜେଇ ଗଛ ନଷ୍ଟ



ମାଲକାନଗିରି, ୧୨ ନଭେମ୍ବର: ନିଶା କାରବାର ବିରୋଧରେ କାଲିମେଳା ପୋଲିସର ଅଭିଯାନ ଜାରି ରହିଛି। ବେଆଇନ ଗଞ୍ଜେଇ ଚାଷ ଉପରେ ଅଙ୍କୁଶ ଲଗାଇବା ଲକ୍ଷ୍ୟରେ ପୋଲିସ ପକ୍ଷରୁ କାଲିମେଳା ଥାନା ଅନ୍ତର୍ଗତ ସାରିଗେଟା ଓ ଚିନ୍ତାଗୁନା ଗ୍ରାମ ନିକଟସ୍ଥ ଅଞ୍ଚଳରେ ଚଢ଼ଉ କରାଯାଇଛି।

ଏହି ଚଢ଼ଉ ସମୟରେ ପ୍ରାୟ ୧୦ ଏକର ଜମିରେ ଚାଷ କରାଯାଇଥିବା ପ୍ରାୟ ୧୦ ହଜାର ଗଞ୍ଜେଇ ଗଛକୁ ପୋଲିସ କାଟି ନଷ୍ଟ କରିଦେଇଛି। ଏହାଦ୍ୱାରା ବେଆଇନ ଗଞ୍ଜେଇ ଚାଷ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ପୋଲିସ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇଛି।

ଏହି ଘଟଣାକୁ ନେଇ କାଲିମେଳା ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଥାନା କେସ୍ ନମ୍ବର ୨୮୯/୨୬ ଓ ୨୯୦/୨୬ ଅନୁଯାୟୀ ଏନ୍‌ଡିପିଏସ୍ ଆଇନର ଧାରା ୨୦(ଏ)(i)ରେ ମାମଲା ରୁଜୁ କରାଯାଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ବେଆଇନ ଗଞ୍ଜେଇ ଚାଷକୁ ମୂଳରୁ ନଷ୍ଟ କରିବା ପାଇଁ କାଲିମେଳା ପୋଲିସର ଏହି ଅଭିଯାନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

— Sukumar Mandal

ମଧୁବାବୁ ପେନ୍ସନ୍ ଯୋଜନାରେ ୩,୮୦୩ ନୂତନ ହିତାଧିକାରୀ ସାମିଲ, ୫୪୦ ଜଣଙ୍କୁ ଭତ୍ତା ବଣ୍ଟନ



ମାଲକାନଗିରି, ୧୨ ନଭେମ୍ବର: ମାଲକାନଗିରି ଜିଲ୍ଲାରେ ସାମାଜିକ ସୁରକ୍ଷା ଯୋଜନାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମଧୁବାବୁ ପେନ୍ସନ୍ ଯୋଜନାରେ ୩,୮୦୩ ଜଣ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଭତ୍ତା ବଣ୍ଟନ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଉପସ୍ଥିତ ୫୪୦ ଜଣ ହିତାଧିକାରୀଙ୍କୁ ଆନୁଷ୍ଠାନିକ ଭାବେ ଭତ୍ତା ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସେ କହିଥିଲେ ଯେ, ସମାଜର ଶେଷ ଧାଡ଼ିରେ ଥିବା ଗରିବ, ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ଯୋଗାଇଦେବା ସରକାରଙ୍କ ମୂଳ ଲକ୍ଷ୍ୟ। ଏକୀକୃତ ପେନ୍ସନ୍ ପରିଚାଳନା ପୋର୍ଟାଲ୍ ଦ୍ୱାରା ଭତ୍ତା ପ୍ରଦାନ ପ୍ରକ୍ରିୟା ଅଧିକ ସ୍ୱଚ୍ଛ, ସରଳ ଓ ସୁବ୍ୟବସ୍ଥିତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଯୋଗଦେଇ ଏହି ଯୋଜନାର ସଫଳତା ସମ୍ପର୍କରେ ମତ ରଖିଥିଲେ। ଜିଲ୍ଲାର ୩,୮୦୩ ଜଣ ନୂତନ ହିତାଧିକାରୀ ଯୋଜନାରେ ସାମିଲ ହେବା ଏକ ଉଲ୍ଲେଖନୀୟ ସଫଳତା ବୋଲି ସେମାନେ କହିଥିଲେ। ଏହାଦ୍ୱାରା ଅସହାୟ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନେ ଆତ୍ମନିର୍ଭରଶୀଳ ହେବା ସହ ସମ୍ମାନର ସହ ଜୀବନଯାପନ କରିପାରିବେ।

ସ୍ୱାଗତ ଭାଷଣ ଦେଇ ଯୋଜନା ଓ ନୂତନ ପୋର୍ଟାଲ୍‌ର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀ, ଆନନ୍ଦ ରାଓଙ୍କ ସମେତ ବିଭାଗର କର୍ମଚାରୀ ଓ ବହୁ ସଂଖ୍ୟାରେ ହିତାଧିକାରୀ ଉପସ୍ଥିତ ଥିଲେ।

— Sukumar Mandal

ମାଲକାନଗିରିରେ ଆରମ୍ଭ ହେଲା ‘ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦’, ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ



ମାଲକାନଗିରି, ୧୨ ନଭେମ୍ବର : ଯୁବପିଢ଼ିଙ୍କୁ ତମାଖୁ ସେବନରୁ ଦୂରେଇ ରଖିବା ସହ ଏକ ସୁସ୍ଥ ଓ ତମାଖୁମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲାରେ ଆରମ୍ଭ ହୋଇଛି ‘ତମାଖୁ ମୁକ୍ତ ଯୁବ ଅଭିଯାନ ୪.୦’। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଆରମ୍ଭ ହୋଇଥିବା ଏହି ଜାତୀୟ ଅଭିଯାନ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିଂଖେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ସାର୍ବଜନୀନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଡାକ୍ତର ଏମ୍.ଏମ୍. ଆବିଦ ହୁସେନ, ଡାକ୍ତର ସୌଭାଗ୍ୟ ରଞ୍ଜନ ରଣସିଂହ, ଡାକ୍ତର ମୌସୁମୀ ମିଶ୍ର, ଡାକ୍ତର ଦୁର୍ଗାପ୍ରସାଦ ରାଜ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଡ୍ରଗ୍ସ ଇନ୍ସପେକ୍ଟର ପ୍ରବୀଣ ଜାନି, ଡିଇଓ, ଡିଡବ୍ଲ୍ୟୁଓ, ମ୍ୟୁନିସିପାଲିଟି ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଜନସାଧାରଣ, ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ତମାଖୁ ସେବନର କ୍ଷତିକାରକ ପ୍ରଭାବ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ଏଥିସହ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନର ସଫଳ କାର୍ଯ୍ୟାନ୍ୱୟନ, କୋଟପା ଆଇନର କଡ଼ାକଡ଼ି ଅନୁପାଳନ ଏବଂ ଜିଲ୍ଲାରେ ତମାଖୁମୁକ୍ତ ଗ୍ରାମ ଗଠନ ଦିଗରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଏହି ଅଭିଯାନକୁ ଶିବ ସୁନ୍ଦର ପାଣିଗ୍ରାହୀ ପରିଚାଳନା କରିଥିଲେ। ପରିଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ତମାଖୁମୁକ୍ତ ସମାଜ ଗଠନ ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ।

— Sukumar Mandal

ଜୁନାଗଡ଼ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟିଲେ ସାଂସଦ ପ୍ରତିନିଧି



ଜୁନାଗଡ଼ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ନେଇ ବିଡିଓଙ୍କୁ ଭେଟିଲେ ସାଂସଦ ପ୍ରତିନିଧି l

କଳାହାଣ୍ଡି : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ସର୍ବାଙ୍ଗୀନ ଉନ୍ନତି ଏବଂ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ନେଇ ଆଜି ବ୍ଲକ ସାଂସଦ ପ୍ରତିନିଧି ମୁକେଶ ଅଗ୍ରୱାଲ ଦଳୀୟ ନେତୃବୃନ୍ଦଙ୍କ ସହ ଜୁନାଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ (BDO) ଙ୍କୁ ସାକ୍ଷାତ କରିଛନ୍ତି।

ଏହି ସାକ୍ଷାତ ସମୟରେ ବିଭିନ୍ନ ସରକାରୀ ଯୋଜନା କିପରି ସାଧାରଣ ଲୋକଙ୍କ ପାଖରେ ସହଜ ଓ ସରଳ ଭାବରେ ପହଞ୍ଚିପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ଯୋଗ୍ୟ ବୃଦ୍ଧବୃଦ୍ଧାଙ୍କୁ ସରଳରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବା ଏବଂ ପ୍ରତି ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳର ସୁବିଧା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଯେକୌଣସି ଉଚିତ ଦାବି ପୂରଣ କରିବା ପାଇଁ ମାନ୍ୟବର ସାଂସଦ ମାଳବିକା ଦେବୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ସବୁ ପ୍ରକାର ସହଯୋଗ କରିବେ ବୋଲି ସାଂସଦ ପ୍ରତିନିଧି ଶ୍ରୀ ଅଗ୍ରୱାଲ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ସାକ୍ଷାତ ସମୟରେ ଜୁନାଗଡ଼ ନଗର ସଭାପତି ବିକ୍ରାନ୍ତ ପଟ୍ଟନାୟକ, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ କାଞ୍ଚନ ବାଗ, ଜିଲ୍ଲା ସଂଖ୍ୟାଲଘୁ ମୋର୍ଚ୍ଚା ସାଧାରଣ ସମ୍ପାଦକ ମହମ୍ମଦ ସରିଫ, ଜୁନାଗଡ଼ ନଗର ପୂର୍ବତନ ସଭାପତି ଶିବରାମ ରାଉତ, ନଗର ଉପସଭାପତି ପ୍ରଶାନ୍ତ ନିଆଲ, ସାଧାରଣ ସମ୍ପାଦକ ଗଣେଶ ଗହିର, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ମିକୁନ ପଟ୍ଟନାୟକ, ବିଜୟ ଡନସେନାଙ୍କ ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

— Dulendra Kumar Meher

ବସୁଦେବପୁର କାଳି ପୂଜା



ପ୍ରବଳ ଜନା ଗହାଳି

— AMIT KUMAR NAYAK

12 Nov 2026 | NEED24 NEWS



ଆଜିର ଝାରସୁଗୁଡା ଖବର - *12 Nov 2026 | NEED24 NEWS*

1. ଝାରସୁଗୁଡାରେ ଶୀତ ଜୋର୍ ଧରିଲା

କାଲି ରାତିରେ ଝାରସୁଗୁଡାରେ ସର୍ବନିମ୍ନ ତାପମାତ୍ରା *14.5°C - 14.6°C*, ସାଧାରଣ ଠାରୁ 3.5 ଡିଗ୍ରୀ କମ୍। ଆଗାମୀ 7 ଦିନ ଶୁଖିଲା ପାଗ, ବର୍ଷାର ସମ୍ଭାବନା ନାହିଁ।

2. ହଟିଆ-ଝାରସୁଗୁଡା ମେମୁ ଟ୍ରେନ୍ ବାତିଲ୍

14 ରୁ 26 ନଭେମ୍ବର ଯାଏଁ ଟ୍ରେନ୍ ନଂ 18175 / 18176 ବାତିଲ୍ ରହିବ। ଧୁତରା ଷ୍ଟେସନରେ ୟାର୍ଡ କାମ ପାଇଁ ବାତିଲ୍। ଯାତ୍ରା ଆଗରୁ ଟ୍ରେନ୍ ଷ୍ଟାଟସ୍ ନିଶ୍ଚୟ ଦେଖି ନିଅନ୍ତୁ।

3. ସମ୍ବଲପୁର-ଝାରସୁଗୁଡା 4-ଲେନ୍ ନୂଆ ଗ୍ରୀନ୍‌ଫିଲ୍ଡ କରିଡର

ସମ୍ବଲପୁର-ଝାରସୁଗୁଡା ମଧ୍ୟରେ ନୂଆ 4 ଲେନ୍ ରାସ୍ତା ହେବ। ପୁରୀ-ଭୁବନେଶ୍ୱର ରାସ୍ତା 6 ଲେନ୍ ହେବ।

4. ଝାରସୁଗୁଡାରେ 'ଅଭୟ' ଅଭିଯାନ - ଓଡିଶାରେ ପ୍ରଥମ

ସରକାରୀ ଅଫିସ୍, ଲାଇବ୍ରେରୀରେ ମାତ୍ର 10 ଟଙ୍କାରେ 2ଟି ସାନିଟାରୀ ପ୍ୟାଡ୍ ମିଳୁଛି। ଝାରସୁଗୁଡା ଓଡିଶାର ପ୍ରଥମ ଜିଲ୍ଲା ଯେଉଁଠି ଏମିତି ବ୍ୟବସ୍ଥା ହେଲା।

5. ରେଲୱେ ଫିଟିଂ ଚୋରି

1 କିମି ରେଲୱେ ଲାଇନରୁ ଫିଟିଂ ଚୋରି ହେବା ଖବର ଆସିଛି। RPF ତଦନ୍ତ କରୁଛି।

6. ବେଦାନ୍ତର ଦୀପାବଳୀ - ମହିଳା ଉଦ୍ୟୋଗୀଙ୍କୁ ମଞ୍ଚ

ଝାରସୁଗୁଡାରେ ମହିଳା ଏସ୍‌ଏଚ୍‌ଜି ଓ କାରିଗରଙ୍କ ଦୀପ, ଟେରାକୋଟା ସାମଗ୍ରୀ 16,000 ଟଙ୍କାରୁ ଅଧିକ ବିକ୍ରି ହେଲା।

କ୍ୟାପ୍ସନ୍:

> ଆଜିର ଝାରସୁଗୁଡା ଖବର - ଶୀତ ବଢ଼ିଲା, ଟ୍ରେନ୍ ବାତିଲ୍, ନୂଆ 4-ଲେନ୍ ରାସ୍ତା। NEED24 NEWS ସହ ରୁହନ୍ତୁ।

— Gajindra Munda



ଆଜିର ଝାରସୁଗୁଡା *CRIME NEWS* - *12 Nov 2026 | NEED24 NEWS*

1. ବଡ଼ ଖବର - ରେଲୱେ ଟ୍ରାକ୍ ଫିଟିଂ ଚୋରି

ହାୱଡା-ମୁମ୍ବାଇ ରୁଟ୍ ରେ ଧୁତରା - ବାଗଡିହି ମଧ୍ୟରେ 1 କିମି ଲମ୍ବା ଟ୍ରାକ୍ ରୁ *157 ପାଣ୍ଡ୍ରୋଲ୍ କ୍ଲିପ୍ ଓ ଫିସ୍ ପ୍ଲେଟ୍* ଚୋରି ହୋଇଛି। RPF ତଦନ୍ତ କରୁଛି, ସ୍କ୍ରାପ୍ ମାଫିଆ ସନ୍ଦେହ କରାଯାଉଛି। c075

2. ଝାରସୁଗୁଡାରେ ନୂଆ SP - ସୋନାଲି ସିଂହ ପରମାର ♀

5 Nov ରେ ସୋନାଲି ସିଂହ ପରମାର ଝାରସୁଗୁଡା SP ଭାବେ ଦାୟିତ୍ୱ ନେଇଛନ୍ତି। ଏବେ ଜିଲ୍ଲାରେ କ୍ରାଇମ୍ ଉପରେ କଡା ନଜର ରହିଛି।

3. ଆଗର ବଡ଼ ଡକାୟତି କେସ୍ - ଏବେ ବି ଚର୍ଚ୍ଚାରେ

ବିନାୟକ ପୁରମ୍ ରେ ବ୍ୟବସାୟୀଙ୍କ ଘରୁ ଡକାୟତି ମାମଲାରେ ପୋଲିସ୍ 10 ଜଣଙ୍କୁ ଗିରଫ କରି *1 କୋଟିରୁ ଅଧିକ* ଟଙ୍କାର ସୁନା-ରୁପା-ନଗଦ ଜବତ କରିଥିଲା। FIR ରେ 14 ଲକ୍ଷ ଲେଖା ଥିଲା କିନ୍ତୁ ଜବତ ହେଲା 37 ଲକ୍ଷ ନଗଦ - ଏହାକୁ ନେଇ ଏବେ ବି ପ୍ରଶ୍ନ ଉଠୁଛି। 7461

4. ଗହଣା ଦୋକାନ ଚୋରି

ପୁରୁଣାବସ୍ତି ଛକ ପାଖ ମଙ୍ଗଳସ୍ପୁରିଆ ଜୁଏଲରୀ ଦୋକାନରୁ କାନ୍ଥ ଫୁଟାଇ *1 କୋଟି ଟଙ୍କାର ସୁନା* ଚୋରି ମାମଲାର ତଦନ୍ତ ଚାଲିଛି। CCTV ଡିଭିଆର୍ ବି ଚୋର ନେଇ ଯାଇଥିଲେ।

5. ସାଇବର ଠକେଇ ଉପରେ ସତର୍କ ରୁହନ୍ତୁ ⚠

ଡିଜିଟାଲ୍ ଆରେଷ୍ଟ କହି 34 ଲକ୍ଷ ଠକେଇ କରିଥିବା ଗୁଜରାଟ ଗ୍ୟାଙ୍ଗ୍ ର 4 ଜଣଙ୍କୁ ଝାରସୁଗୁଡା ପୋଲିସ୍ ଧରିଥିଲା। କେହି ପୋଲିସ୍ / CBI କହି ଫୋନ୍ କଲେ ବିଶ୍ୱାସ କରନ୍ତୁ ନାହିଁ।

> ଆଜିର ଝାରସୁଗୁଡା CRIME NEWS - ରେଲୱେ ଟ୍ରାକ୍ ରୁ 157 ଫିଟିଂ ଚୋରି, RPF ତଦନ୍ତରେ। ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ।

> #NEED24NEWS #JharsugudaCrime

— Gajindra Munda

ଏମଭି-୭୦ ଗ୍ରାମରେ ଜୁଆ ଆଡ୍ଡା ଉପରେ କାଲିମେଳା ପୋଲିସର ଚଢ଼ାଉ, ୨ ଅଟକ



ମାଲକାନଗିରି, ୧୧ ନଭେମ୍ବର: ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ ପକ୍ଷରୁ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇ ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ଏଥିସହ ଘଟଣାସ୍ଥଳରୁ ଜୁଆ ଖେଳ ସାମଗ୍ରୀ ସହ ନଗଦ ଟଙ୍କା ଜବତ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କାଲିମେଳା ଥାନାଠାରୁ ପ୍ରାୟ ୮ କିଲୋମିଟର ଦୂର ଏମଭି-୭୦ ଗ୍ରାମର ଏକ ଖୋଲା ପଡ଼ିଆରେ ଜୁଆ ଖେଳ ଚାଲିଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏହାପରେ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଦୁଇ ଜଣଙ୍କୁ ଅଟକ ରଖିଥିଲା।

ଅଟକ ବ୍ୟକ୍ତିମାନେ ହେଲେ ଏମଭି-୭୦ ଗ୍ରାମର ବିଧାନ ମଣ୍ଡଳ (୫୧) ଏବଂ ଏମପିଭି-୬୦ ଗ୍ରାମର ସୁଭାଷ ବିଶ୍ୱାସ (୩୬)। ପୋଲିସ ଘଟଣାସ୍ଥଳରୁ ୬ଟି ଜୁଆ ଗୋଟି, ଗୋଟିଏ ଜୁଆ ଖେଳ ମ୍ୟାଟ୍ ଏବଂ ନଗଦ ୩ ହଜାର ୨୫୦ ଟଙ୍କା ଜବତ କରିଛି। ଜବତ ସାମଗ୍ରୀର ମୋଟ ଆନୁମାନିକ ମୂଲ୍ୟ ୫ ହଜାର ୭୫୦ ଟଙ୍କା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

କେସ୍ ନମ୍ବର ୨୮୭/୨୦୨୬ ରୁଜୁ କରାଯାଇ ଓପିଜି ଆକ୍ଟର ଧାରା ୩ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

ଜୁଆ ଖେଳ ବିରୋଧରେ କାଲିମେଳା ପୋଲିସର ଅଭିଯାନ ଜାରି ରହିଥିବା ବେଳେ ଆଗାମୀ ଦିନରେ ବିଭିନ୍ନ ଗ୍ରାମରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି।

— Sukumar Mandal

ନିଡ୍ ୨୪ ନ୍ୟୁଜ୍ | ଝାରସୁଗୁଡ଼ା*



ନିଡ୍ ୨୪ ନ୍ୟୁଜ୍ | ଝାରସୁଗୁଡ଼ା

* ବ୍ରେକିଙ୍ଗ | ରାମଭକ୍ତଙ୍କ ଉପରେ ଗୁଳି ଚଳାଇବାକୁ ସଠିକ୍ ଠିହାଇ ସପା ପୁଣି ଦେଖାଇଲା ହିନ୍ଦୁ-ବିରୋଧୀ ଚେହେରା*

ରାମଭକ୍ତଙ୍କ ଉପରେ ଗୁଳି ଚଳାଇବାର କାର୍ଯ୍ୟକୁ ସଠିକ୍ ଠିହାଇ ଅଖିଳେଶ ଯାଦବ ଏବଂ ସପା ପୁଣି ନିଜର ହିନ୍ଦୁ ବିରୋଧୀ ଚେହେରାକୁ ଉଜାଗର କରି ଦେଇଛନ୍ତି।

ଯେଉଁମାନେ ରାମଭକ୍ତଙ୍କର ସମ୍ମାନ ଏବଂ ହିନ୍ଦୁଙ୍କର ଆସ୍ଥାକୁ ଅପମାନ କରନ୍ତି, ସେମାନେ କେଉଁ ମୁହଁରେ ଧର୍ମନିରପେକ୍ଷତା ବିଷୟରେ କଥା କହନ୍ତି? ସୁଣନ୍ତୁ ସପା ନେତାଙ୍କ ବିବୃତ୍ତି...

ସପା ନେତାଙ୍କ ବିବୃତ୍ତି:

୧. ଜିଆଉର୍ରହମାନ ବର୍କ, ସପା ସାଂସଦ -

ମସଜିଦକୁ ଶହୀଦ କରାଗଲା, ସେତେ ସମୟରେ ରୋକିବା ପାଇଁ ପୋଲିସ ପାଖରେ ଗୋଟିଏ ମାତ୍ର ରାସ୍ତା ବାକି ଥିଲା ଲାଠିଚାର୍ଜ, ନହେଲେ ରୁକିଲେ ନାହିଁ ତେବେ ପୁଣି ଗୁଳି ଚଳାଗଲା।

୨. ସନାତନ ପାଣ୍ଡେ, ସପା ସାଂସଦ -

ନେତା ଙ୍କେ ଗୁଳି ଚଳାଇଥିଲେ, ଏହା ସମ୍ପୂର୍ଣ୍ଣ ସଠିକ୍ କାମ ଥିଲା। ଭାରତକୁ ବଞ୍ଚାଇବା ପାଇଁ ସେମାନେ ଏହି ଗୁଳି ଚଳାଇଥିଲେ। ଗୁଳି ଚଳାଇବା ସଠିକ୍ ଥିଲା।

୩. ରମାଶଙ୍କର ବିଦ୍ୟାର୍ଥୀ ରାଜଭର, ସପା ନେତା -

ମୁଲାୟମ ସିଂହ ଯାଦବ ଙ୍କେ କେବଳ ସଂବିଧାନର ପାଳନ କରିଥିଲେ।

୪. ମୁଲାୟମ ସିଂହ ଯାଦବ -

ଆମର ସମୟରେ ଯେଉଁ ଗୁଳି ଚଳିଥିଲା, ମୋତେ ଫକର ଅଛି ଗୁଳି ଚଳିଥିଲା।

୫. ରାମଗୋପାଲ ଯାଦବ -

ବାବରୀ ମସଜିଦ ଉପରେ କୌଣସି ପରିନ୍ଦା ପର ହୋଇ ମାରିପାରେ ନାହିଁ, ମାରିପାରେ ନାହିଁ। ତଥାପି ମୁଲାୟମ ସିଂହଙ୍କର ଚାଲିବା ଦ୍ୱାରା ଯେଉଁମାନେ ବାବରୀ ମସଜିଦକୁ ଛୁଇଁବାର ଚେଷ୍ଟା କରିଥିଲେ, ହୁକୂମତ ଉପରେ ଚଢ଼ିପାରିଲେ କିନ୍ତୁ ଉତରୁ ପାରିଲେ ନାହିଁ। ଏବଂ ଏହି କଥାର ସମାଜବାଦୀ ପାର୍ଟି ଏବଂ ସେହି ନେତାଙ୍କୁ କେବେ ଅଫସୋସ ଥିଲା ନାହିଁ ଏବଂ ରହିବ ନାହିଁ। ଚାହେଁ ତାକୁ ମୌଲାନା ମୁଲାୟମ ସିଂହ କହିଲେ, ଚାହେଁ ମୁଲ୍ଲା ମୁଲାୟମ ସିଂହ କହିଲେ।

ଛୋଟ କ୍ୟାପ୍ସନ Facebook / WhatsApp ପାଇଁ:

> ରାମଭକ୍ତଙ୍କ ଉପରେ ଗୁଳି ଚଳାଇବାକୁ ସଠିକ୍ ଠିହାଇବା - ଏହା ହିଁ ସପାର ଅସଲି ଚେହେରା।

> ଯେଉଁମାନେ ରାମଭକ୍ତଙ୍କର ଅପମାନ କରନ୍ତି, ସେ ହିନ୍ଦୁଙ୍କର ଆସ୍ଥା ବିଷୟରେ କେମିତି କଥା କରିବେ?

> ଜନତା ସବୁ ଦେଖୁଛି। ଜୟ ଶ୍ରି ରାମ

> #NEED24NEWS #Jharsuguda

— Gajindra Munda

ଝାରସୁଗୁଡା*



NEED24 NEWS | ଝାରସୁଗୁଡା

ହେଡ୍ ଲାଇନ୍:

ଝାରସୁଗୁଡାରେ ପ୍ରେମ ସାଗର ଦକ୍ଷିଣ ପୂର୍ବ ରେଳ ମେନ୍ସ ୟୁନିୟନର ସଚିବ ଭାବେ ନିଯୁକ୍ତ

ଝାରସୁଗୁଡା, ୧୧ ନଭେମ୍ବର:

ଝାରସୁଗୁଡାରେ ପ୍ରେମ ସାଗର ଦକ୍ଷିଣ ପୂର୍ବ ରେଳ ମେନ୍ସ ୟୁନିୟନର ନୂଆ ସଚିବ ଭାବେ ନିଯୁକ୍ତ ହୋଇଛନ୍ତି।

ନୂଆ ଦାୟିତ୍ୱ ପାଇବା ପରେ ଶ୍ରୀ ସାଗର କହିଛନ୍ତି, ରେଳ କର୍ମଚାରୀଙ୍କ ହକ ଓ କଲ୍ୟାଣ ପାଇଁ ସେ ସବୁବେଳେ କାମ କରିବେ। କର୍ମଚାରୀଙ୍କ ସମସ୍ୟାକୁ ରେଳ ପ୍ରଶାସନ ଆଗରେ ଦୃଢ଼ ଭାବେ ଉପସ୍ଥାପନ କରିବା ତାଙ୍କର ପ୍ରାଥମିକତା ହେବ।

ତାଙ୍କ ନିଯୁକ୍ତିରେ ଝାରସୁଗୁଡା ରେଳ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବହୁ କର୍ମଚାରୀ ଓ ଶୁଭେଚ୍ଛୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ୟୁନିୟନ୍ ପକ୍ଷରୁ କୁହାଯାଇଛି, ଶ୍ରୀ ସାଗରଙ୍କ ନେତୃତ୍ୱରେ ସଂଗଠନ ଆହୁରି ମଜବୁତ ହେବ ଏବଂ କର୍ମଚାରୀଙ୍କ ହକ୍ ପାଇଁ ଲଢ଼େଇ ଆହୁରି ତୀବ୍ର ହେବ।

- NEED24 NEWS, ଝାରସୁଗୁଡା

— Gajindra Munda

ଏମପିଭି-୭୩ ମଧୁସୂଦନପଲ୍ଲୀରେ ଧୁମଧାମରେ ସର୍ବଜନୀନ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ



ମାଲକାନଗିରି: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ମଧୁସୂଦନପଲ୍ଲୀ (ଏମପିଭି-୭୩) ଗ୍ରାମରେ ଚଳିତ ବର୍ଷ ସର୍ବଜନୀନ ଶ୍ୟାମାକାଳୀ ପୂଜା ମହାଆଡ଼ମ୍ବର ଓ ଧୁମଧାମର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ସମଗ୍ର ଗ୍ରାମ ଉତ୍ସବମୁଖର ହୋଇଉଠିଥିବା ବେଳେ ଭକ୍ତିମୟ ପରିବେଶରେ ମା' କାଳୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

ପୂଜା ମଣ୍ଡପକୁ ସୁନ୍ଦର ଭାବେ ସଜ୍ଜିତ କରାଯାଇଥିବା ବେଳେ ମା'ଙ୍କ ଦର୍ଶନ ପାଇଁ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାବିଧି ସମ୍ପନ୍ନ ହେବା ସହ ଭକ୍ତମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରି ପରିବାର ଓ ଅଞ୍ଚଳର ମଙ୍ଗଳ କାମନା କରିଥିଲେ।

କାଳୀପୂଜା ଉପଲକ୍ଷେ ଆୟୋଜକ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ କଳାକାରମାନେ ନିଜର କଳା ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

କାଳୀପୂଜା ମାଧ୍ୟମରେ ଗ୍ରାମରେ ଧାର୍ମିକ ଭାବନା, ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତା ପ୍ରସାରିତ ହୋଇଥିଲା।

— Sukumar Mandal

ପାନ୍ ଓ ଆଧାର ଦ୍ୱାରା ଆକାଉଣ୍ଟ ଖୋଲି ଫ୍ରଡ ଚାଲିଛି



ବିଶ୍ୱସ୍ତ ସୁତ୍ର ରୁ ଅନୁଯାୟୀ ଜେ ଅଞ୍ଚଳ ରେ ଆକାଉଣ୍ଟ ଖୋଲା ରେ ବ୍ୟାପକ ଫ୍ରାଡ ହେଉଛି, କିଛି ବ୍ୟକ୍ତି ଆକାଉଣ୍ଟ ଖୋଲିବା ପାଇଁ ଲୋକଙ୍କ ଠାରୁ ପାନ୍ କାର୍ଡ ଓ ଆଧାର କାର୍ଡ ଆଦି ସଂଗ୍ରହ କରି ସେମାନଙ୍କ ନାମ ରେ କିଛି ପଇସା ଦେଇ ଆକାଉଣ୍ଟ ଖୋଲିଛନ୍ତି ଓ ପରେ ଉକ୍ତ ଟଙ୍କା କୁ ଉଠେଇ ନେଇ ଯାଉଛନ୍ତି ଲୋକେ ସଚେତନ ହୁଅନ୍ତୁ ଜେଉଁ ମାନେ ଆଧାର କାର୍ଡ,ପାନ କାର୍ଡ ଦଉଛନ୍ତି ଓ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ ସମ୍ପୃକ୍ତ ଏକାଉଣ୍ଟ ଖୋଲୁଥିବା ଲୋକ ମାନଙ୍କ କାର୍ଯ୍ୟକଳା ପ୍ରତି।

— UDDIPTA PRADHAN

ମାଲକାନଗିରିରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



ମାଲକାନଗିରି - ମାନବ ଚାଲାଣ ଭଳି ଏକ ଗୁରୁତର ସାମାଜିକ ଅପରାଧର ନିରାକରଣ ସହ ପୀଡ଼ିତାଙ୍କ ଉଦ୍ଧାର, ସୁରକ୍ଷା ଓ ପୁନର୍ବାସ ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ ଦିନିକିଆ ଜିଲ୍ଲାସ୍ତରୀୟ ମାନବ ଚାଲାଣ ନିରୋଧ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

ଶ୍ରମ ବିଭାଗ ସମେତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ମାନବ ଚାଲାଣର କାରଣ, ପ୍ରକାରଭେଦ, ଶିଶୁ ଓ ମହିଳା ଚାଲାଣ ରୋକିବାର ଉପାୟ, ସନ୍ଦିଗ୍ଧ ଘଟଣା ଚିହ୍ନଟ, ତ୍ୱରିତ ଉଦ୍ଧାର କାର୍ଯ୍ୟ, ଆଇନଗତ ବ୍ୟବସ୍ଥା ଏବଂ ପୀଡ଼ିତାଙ୍କ ଥଇଥାନ ଓ ପୁନର୍ବାସ ସମ୍ପର୍କରେ ବିସ୍ତୃତ ତାଲିମ ଦିଆଯାଇଥିଲା।

ବିଶେଷକରି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଦାଦନ ଶ୍ରମିକ ଚାଲାଣ ସହ ଶିଶୁ ଓ ମହିଳା ଚାଲାଣ ଭଳି ଅପରାଧକୁ ରୋକିବା ପାଇଁ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ମାନବ ଚାଲାଣ ଏକ ଦଣ୍ଡନୀୟ ଅପରାଧ ହୋଇଥିବାରୁ ଏହାର ମୂଳୋତ୍ପାଟନ ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ସହ କୌଣସି ସନ୍ଦିଗ୍ଧ ଘଟଣା ନଜରକୁ ଆସିଲେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା।

କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମମତା ଚୌଧୁରୀ, ଉପଖଣ୍ଡସ୍ତରୀୟ ସୁରକ୍ଷା ଅଧିକାରୀ ସଭ୍ୟା ମାଝୀ ଏବଂ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର ଜିଲ୍ଲା ସଂଯୋଜକ ମଣି ମୋହନ ସରକାରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଆଇନଜୀବୀ ସାଗର କୁମାର ପାଣିଗ୍ରାହୀ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ଆଇନ) ସୂର୍ଯ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ମାନବ ଚାଲାଣ ନିରୋଧ ଦିଗରେ ବିଭିନ୍ନ ବିଭାଗର ଦକ୍ଷତା ବୃଦ୍ଧି ସହ ଏକ ସୁରକ୍ଷିତ ଓ ଶୋଷଣମୁକ୍ତ ସମାଜ ଗଠନ ପାଇଁ ସାମୂହିକ ପ୍ରୟାସକୁ ଆହୁରି ସୁଦୃଢ଼ କରିବାକୁ ଆହ୍ୱାନ ଦିଆଯାଇଥିଲା।

— Sukumar Mandal